ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ଜିଲ୍ଲାରେ ନିଜସ୍ୱ କାର୍ଯ୍ୟାଳୟ ଓ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

# ଯାଞ୍ଚ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରି ଖାଉଟିମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ

## : ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭୁବନେଶ୍ୱର, ୧୩ ଫେବୃଆରୀ, ୨୦୨୦

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନସ୍ଥ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ (ଲିଗାଲ୍ ମେଟ୍ରୋଲୋଜି)କୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ଜିଲ୍ଲାରେ ନିଜସ୍ୱ କାର୍ଯ୍ୟାଳୟ ଓ ଭିତ୍ତିଭୂମି ବିକାଶ ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହା ଦ୍ୱାରା ଅସାଧୁ ବ୍ୟବସାୟୀ, ଶିଳ୍ପ ପ୍ରତିଷ୍ଠାନ ଆଦିଗୁଡ଼ିକର ଯାଞ୍ଚ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରି ଖାଉଟିମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକରେ ବିଭିନ୍ନ ଜିଲ୍ଲାରେ ଲିଗାଲ୍ ମେଟ୍ରୋଲୋଜି କାର୍ଯ୍ୟାଳୟର ସଦ୍ୟତମ ସ୍ଥିତି ଓ ନିର୍ମାଣାଧୀନ କାର୍ଯ୍ୟର ଅଗ୍ରଗତି ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ । ଏଥି ସହିତ ଖଣ୍ଡଗିରିସ୍ଥିତ ନିର୍ଦ୍ଦେଶାଳୟର ଐତିହ୍ୟସଂପନ୍ନ ବିଲ୍ଡିଂର ସଂପୂର୍ଣ୍ଣ ନବୀକରଣ ସହ ତଳମହଲାରେ ନୂତନ ସଂଗ୍ରହାଳୟ ପ୍ରତିଷ୍ଠା ସଂପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ସୂଚନାଯୋଗ୍ୟ ଯେ, ରାଜ୍ୟର ୧୫ଟି ଜିଲ୍ଲାରେ ଲିଗାଲ୍ ମେଟ୍ରୋଲୋଜିର ନିଜସ୍ୱ ଗୃହରେ କାର୍ଯ୍ୟାଳୟ ଚାଲୁଥିବା ଅନ୍ୟ ୧୫ଟି ଜିଲ୍ଲାର ନୂତନ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ କରାଯାଉଛି । ଏଥି ମଧ୍ୟରୁ ଯେଉଁସବୁ ସ୍ଥାନରେ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଛି ସେଗୁଡ଼ିକ ତୁରନ୍ତ ବିଭାଗକୁ ହସ୍ତାନ୍ତର କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ(ବିଲ୍ଡିଂ)ଙ୍କୁ କହିଥିଲେ । ସେହିପରି ଯେଉଁସବୁ ଜିଲ୍ଲାଗୁଡ଼ିକରେ ନିର୍ମାଣ କାର୍ଯ୍ୟ ଚାଲିଛି ସେଗୁଡ଼ିକ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ କହିଥିଲେ । କିଛି ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ହେଉଥିବା ଦୃଷ୍ଟିରୁ ଏ ଦିଗରେ ସଂଶୋଧିତ ବ୍ୟାୟ ଅଟକଳ ଫେବୃଆରୀ ୨୫ ତାରିଖ ସୁଦ୍ଧା ବିଭାଗକୁ ପଠାଇବା ନିମନ୍ତେ ମନ୍ତ୍ରୀ ମୁଖ୍ୟଯନ୍ତ୍ରୀଙ୍କୁ କହିଥିଲେ । ଏଥି ସହିତ ନିର୍ମାଣ କାର୍ଯ୍ୟ ନିମନ୍ତେ ଯେଉଁସବୁ ଜିଲ୍ଲାଗୁଡ଼ିକରେ ଜମି ଅଧିଗ୍ରହଣ ପାଇଁ ସମସ୍ୟା ହେଉଛି, ସେଠାରେ ଜିଲ୍ଲାପାଳ ତଥା ସ୍ଥାନୀୟ ରାଜସ୍ୱ ପ୍ରଶାସନ ସହ ଯୋଗାଯୋଗ କରି ଜମି ଯୋଗାଇଦେବା ନିମନ୍ତେ ବୈଠକରେ ଉପସ୍ଥିତ ଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ କହିଥିଲେ । ସୂଚନାଯୋଗ୍ୟ ଯେ ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, ନୟାଗଡ଼, ସୁବର୍ଣ୍ଣପୁର, କଟକ, ଯାଜପୁର, ଭଦ୍ରକ, ନୂଆପଡ଼ା, ଗଜପତି, ମାଲକାନଗିରି, ବୌଦ୍ଧ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲ୍ଲାରେ ସହକାରୀ କଣ୍ଟ୍ରୋଲର, ଲିଗାଲ୍ ମେଟ୍ରୋଲୋଜିର ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ କରାଯାଉଛି । ଏଥି ମଧ୍ୟରୁ ୪ଟି ଜିଲ୍ଲରେ ଜମି ଅଧିଗ୍ରହଣ ହୋଇପାରି ନଥିବାବେଳେ ଅନ୍ୟ ୧୧ଟି ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ବିଭିନ୍ନ ସ୍ତରରେ ରହିଛି ।

ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବୀରବିକ୍ରମ ଯାଦବ ନିର୍ମାଣାଧୀନ ଜିଲ୍ଲା କାର୍ଯ୍ୟାଳୟର ସ୍ଥିତି ଓ ଉପଲବ୍ଧ ଅର୍ଥ ବ୍ୟବସ୍ଥା ସଂପର୍କରେ ସୂଚନା ଦେବା ସହିତ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଅଭୟ ନାୟକ, ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ଏସ୍.ଏନ୍. ଦାସ ଏବଂ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ) ଶ୍ରୀ ସତ୍ୟେନ୍ଦ୍ରନାଥ ସେଠୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ